# NATIONAL NEWS BULLETIN (ODIA)

**19 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ମିଶନ ସକ୍ଷମ ଅଙ୍ଗନବାଡ଼ି ଓ ପୋଷଣ-୨.୦ ସରକାରଙ୍କ ଅନନ୍ୟ ପଦକ୍ଷେପ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ଭାରତ ଏ.ଆଇ.ମିଶନ ଅଧୀନରେ ଦେଶରେ ୫୦୦ରୁ ଅଧିକ ଡାଟା ଲ୍ୟାବ୍ ପ୍ରତିଷ୍ଠା କରାଯିବ ।

- ଓଡ଼ିଶା ବିଧାନସଭା ମୌସୁମୀ ଅଧିବେଶନର ଆଜି ଦ୍ୱିତୀୟ ଦିବସରେ ହଟ୍ଟଗୋଳ ଯୋଗୁଁ ଗୃହ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ

- ଇରାନର ଚବାହର ବନ୍ଦରରେ କାର୍ଯ୍ୟ କରିବା ସଂକ୍ରାନ୍ତ ପ୍ରତିବନ୍ଧକକୁ ପୁନଃ ଲାଗୁ କରିବାକୁ ଘୋଷଣା କଲା ଆମେରିକା

ଏବଂ

- ଏସିଆକପ୍ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଭାରତ-ଓମାନ୍ ମଧ୍ୟରେ ମୁକାବିଲା ହେବ ।

## ପିଏମ୍ ପୋଷଣ ୨.୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଶିଶୁ, କିଶୋରୀ ଏବଂ ଗର୍ଭବତୀ ମହିଳାଙ୍କ ପୁଷ୍ଟି ସାଧନ ଦିଗରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଅନନ୍ୟ ପଦକ୍ଷେପ ହେଉଛି ମିଶନ ସକ୍ଷମ ଅଙ୍ଗନବାଡ଼ି ଏବଂ ପୋଷଣ ୨.୦ । କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଲେଖାକୁ ଶେୟାର କରି ଶ୍ରୀ ମୋଦୀ କହିଛନ୍ତି ଏହି

ଯୋଜନାଗୁଡ଼ିକ ମାଧ୍ୟମରେ ସମଗ୍ର ଦେଶରେ ଏକ ବ୍ୟାପକ ଅଙ୍ଗନବାଡ଼ି କେନ୍ଦ୍ର ନେଟୱାର୍କ କାର୍ଯ୍ୟକାରୀ ହୋଇପାରିଛି । ଏହାଦ୍ୱାରା ବହୁ ହିତାଧିକାରୀ ସୁଫଳ ପାଉଛନ୍ତି । ଏହି ଯୋଜନା ମାଧ୍ୟମରେ ଦେଶର ଲକ୍ଷଲକ୍ଷ ଶିଶୁଙ୍କର ଭବିଷ୍ୟତ ଉନ୍ନତ ହୋଇପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ବୈଷ୍ଣବ-ଏଆଇ

ଭାରତ ଏ.ଆଇ. ମିଶନ ଅଧୀନରେ ଦେଶବ୍ୟାପୀ ୫୦୦ରୁ ଅଧିକ ଡାଟା ଲ୍ୟାବ୍ ପ୍ରତିଷ୍ଠା କରାଯିବ ବୋଲି ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଖୁବ୍ ଶୀଘ୍ର ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ – ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ନିୟମାବଳୀ ଜାରି କରାଯିବ । ଇଣ୍ଡିଆ ଏ.ଆଇ. ଇମ୍ପାକ୍ଟ ସମିଟ୍ ୨୦୨୬ ନିମନ୍ତେ ଏହାର ଲୋଗୋ ଉନ୍ମୋଚନ କରିବା ଅବସରରେ ଗତକାଲି ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ଆଇଆଇଟି ବମ୍ବେ ନେତୃତ୍ୱରେ ଏକ ବ୍ୟାବସାୟିକ କମିଟି ଗଠନ ପାଇଁ ୧ ଟ୍ରିଲିୟନ୍ ପାରାମିଟର ସହିତ ବହୁଭାଷୀ ମୋଡ୍-ଏଲ୍ଏଲ୍ଏମ୍ ବିକଶିତ କରିବା ପାଇଁ ଏହି ମିଶନ ଅଧୀନରେ ସରକାର ୯୮୮ କୋଟି ୬୦ ଲକ୍ଷ ଟଙ୍କା ଆବଣ୍ଟନ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି । ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ନିୟମାବଳୀ ପ୍ରସ୍ତୁତ କରିବା ଲାଗି ୩ ହଜାରରୁ ଅଧିକ ପରାମର୍ଶ ଗ୍ରହଣ କରାଯାଇଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତରେ ଏବେ ୩୮ ହଜାରରୁ ଅଧିକ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ କାର୍ଯ୍ୟ କରୁଛି ଏବଂ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ।

# ଶିବରାଜ-ଜିଏସ୍‌ଟି

କୃଷି ଉପକରଣ ଓ ଟ୍ରାକ୍ଟର ଉପରେ ଜିଏସ୍‌ଟି ହାର ହ୍ରାସର ସୁଫଳ ସିଧାସଳଖ ଚାଷୀଙ୍କ ପାଖରେ ପହଞ୍ଚିବ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ନୂଆଦିଲ୍ଲୀଠାରେ କୃଷି ଯନ୍ତ୍ରପାତି ଏବଂ ଉପକରଣ ପ୍ରସ୍ତୁତି କ୍ଷେତ୍ରର ପ୍ରତିନିଧିଙ୍କର ଏକ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଚୌହାନ ଏହା କହିଛନ୍ତି । ସେ କହିଛନ୍ତି, ଜିଏସଟି ହାର ୧୨ କିମ୍ବା ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ପାଇବା ଦ୍ୱାରା ଟ୍ରାକ୍ଟର ଏବଂ କୃଷିଯନ୍ତ୍ରପାତି ଯଥେଷ୍ଟ ଶସ୍ତା ହେବ । ଟ୍ରାକ୍ଟର ବର୍ଗରେ ୨୩ ହଜାରରୁ ୬୩ ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ ପାଇବାର ସମ୍ଭାବନା ରହିଛି । ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଚୌହାନ କହିଛନ୍ତି, ଆସନ୍ତା ୨୨ ତାରିଖରୁ ଏହାର ସୁଫଳ ଚାଷୀମାନଙ୍କ ନିକଟରେ ପହଞ୍ଚିବ ।

**V/O (Shivraj)**

---

# ରିଜିଜୁ-ଡେଭଲପ୍ କଣ୍ଟ୍ରି

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ମହିଳା ଏବଂ ଯୁବବର୍ଗଙ୍କର ସକ୍ରିୟ ଅଂଶଗ୍ରହଣ ଉପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଗୁରୁତ୍ୱ ଆରୋପ କରିଛନ୍ତି । ନୂଆଦିଲ୍ଲୀର ଫ୍ୟୁଚର୍ ଫ୍ରଣ୍ଟିୟର୍ କନ୍‌କ୍ଲେଭ୍‌ରେ ଏକ ସମାବେଶକୁ ସମ୍ବୋଧନ କରି ଶ୍ରୀ ରିଜିଜୁ କହିଛନ୍ତି, ମହିଳା ନେତୃତ୍ୱାଧୀନ ବିକାଶ ହେଉଛି ସରକାରଙ୍କର କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ । ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଆଡ଼କୁ ଭାରତ ଗତି କରୁଛି ବୋଲି ଶ୍ରୀ ରିଜିଜୁ ଉଲ୍ଲେଖ କରିଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ଭାରତ ଏକାଦଶ ସ୍ଥାନରୁ ଉପରକୁ ଉଠି ବିଶ୍ୱର ପଞ୍ଚମ ଅର୍ଥନୀତିରେ ପରିଣତ ହୋଇସାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କ ନେତୃତ୍ୱରେ ଭାରତ  ଉଲ୍ଲେଖନୀୟ ଅଗ୍ରଗତି କରୁଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

---

# ଓଡ଼ିଶା- ଆସେମ୍ବ୍ଲି

ଓଡ଼ିଶା ବିଧାନସଭା ଅଧିବେଶନର ଆଜି ଦ୍ୱିତୀୟ ଦିନରେ ବିରୋଧୀ ବିଜେଡ଼ି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଛି । ସାର କଳାବଜାରୀ, ଏବଂ ଅଭାବ ପ୍ରସଙ୍ଗକୁ ନେଇ ବିଜେଡ଼ି ସଦସ୍ୟଙ୍କ ପକ୍ଷରୁ ଗୃହରେ ଆଜି ପ୍ରବଳ ହଟ୍ଟଗୋଳ କରାଯାଇଥିଲା । ଗୃହକାର୍ଯ୍ୟ ଆରମ୍ଭ ହେବାର ମାତ୍ର ୪ ମିନିଟ୍ ପରେ ଏଭଳି ପରିସ୍ଥିତି ଜାରି ରହିବାରୁ ବାଚସ୍ପତି ସୁରମା ପାଢ଼ୀ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି । ବ୍ୟାନର ଓ ପୋଷ୍ଟର ଆଦି ଧରି ବିଜେଡ଼ି ସଦସ୍ୟମାନେ ସାର ଅଭାବ ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ କରିଥିଲେ ।

କଂଗ୍ରେସ ସଦସ୍ୟମାନେ ମଧ୍ୟ ଏହି ସମୟରେ ନିଜ ନିଜ ଆସନରେ ଛିଡ଼ାହୋଇ ରହିବାରୁ ଗୃହକାର୍ଯ୍ୟ ସମ୍ଭବ ହୋଇପାରି ନଥିଲା ।

---

# ଚବାହର ପୋର୍ଟ

ଇରାନର ଚବାହର ବନ୍ଦରରେ କାର୍ଯ୍ୟ କରିବା ପାଇଁ ୨୦୧୮ରେ ପ୍ରତ୍ୟାହୃତ ହୋଇଥିବା ପ୍ରତିବନ୍ଧକକୁ ପୁନଃ ଲାଗୁ କରିବାକୁ ଆମେରିକା ଘୋଷଣା କରିଛି । ଆମେରିକା ବୈଦେଶିକ ବିଭାଗ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି, ବନ୍ଦର କାର୍ଯ୍ୟ ସହିତ ଜଡ଼ିତ ବ୍ୟକ୍ତିବିଶେଷ ଇରାନର ସ୍ୱାଧୀନତା ତଥା ଏ କ୍ଷେତ୍ରରେ ରହିଥିବା ଅନ୍ୟାନ୍ୟ ନୀତି ନିୟମ ଅନୁଯାୟୀ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ଆସନ୍ତା ୨୯ ତାରିଖରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବ ।

ସୂଚନାଯୋଗ୍ୟ, ଗତ ମଇ ମାସରେ ଭାରତ ଓ ଇରାନ୍ ଚବାହର ବନ୍ଦର ବ୍ୟବହାର ନେଇ ଏକ ୧୦ବର୍ଷିଆ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଚୁକ୍ତି ଅନୁଯାୟୀ, ଓମାନ୍ ଉପସାଗରରେ ବନ୍ଦର ଭିତ୍ତିଭୂମି ବିକାଶ ପାଇଁ ନୂଆଦିଲ୍ଲୀ ୨୫୦ ନିୟୁତ ଡଲାର ମୂଲ୍ୟର କ୍ରେଡିଟ୍ ୱିଣ୍ଡୋ ପ୍ରଦାନ କରିଛି ।

---

## ସେବା ପର୍ବ – ଆଦିବାସୀ ସଶକ୍ତିକରଣ

ଦେଶରେ ଜନଜାତି ସଂପ୍ରଦାୟ ଏବେ ସଶକ୍ତ ହେବା ସହ ସେମାନଙ୍କର ଜୀବନଧାରଣ ମାନ ଉନ୍ନତ ହୋଇଛି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ ।

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଶୁଣିବା ମୋଦୀ ସରକାର ଜନଜାତି ସଂପ୍ରଦାୟଙ୍କ ସଶକ୍ତିକରଣ ଦିଗରେ ଗ୍ରହଣ କରିଥିବା ପଦକ୍ଷେପ ସଂପର୍କରେ ।

ବିଶ୍ୱର ଏକ ବିବିଧ ଜନଜାତି ସଂପ୍ରଦାୟଙ୍କ ରାଷ୍ଟ୍ର ହେଉଛି ଭାରତ । ୧୦ କୋଟି ୪୫ ଲକ୍ଷରୁ ଅଧିକ ଜନଜାତି ବର୍ଗର ନାଗରିକ ରହିଛନ୍ତି, ଯାହାକି ଦେଶର ମୋଟ୍ ଜନସଂଖ୍ୟାର ପ୍ରାୟ ୮ ଦଶମିକ ୬ ପ୍ରତିଶତ। ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଜନଜାତି ସଂପ୍ରଦାୟ ସଶକ୍ତିକରଣ ଦିଗରେ ଏକ ସ୍ପଷ୍ଟ ଏବଂ ସୁଚିନ୍ତିତ ପରିବର୍ତ୍ତନ ହୋଇଛି ।

***Voice (PM - Janajatia Gaurab Divas)…***

ଗତ ଦଶନ୍ଧି ମଧ୍ୟରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ବଜେଟ୍ ୩ ଗୁଣ ବୃଦ୍ଧି ପାଇଛି ।

୨୦୧୩-୧୪ରେ ବଜେଟର ପରିମାଣ ପ୍ରାୟ ୪ ହଜାର ୩୦୦ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ଆର୍ଥିକବର୍ଷରେ ଏହା ୧୩ ହଜାର କୋଟି ଟଙ୍କାରେ ପହଞ୍ଚିଛି । ଅନୁସୂଚିତ ଜନଜାତି ବର୍ଗ ବିକାଶ ପାଇଁ ୨୦୧୩-୧୪ ପରଠାରୁ ଇତିମଧ୍ୟରେ ବଜେଟ୍‌ରେ ବ୍ୟୟବରାଦ ୫ ଗୁଣ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ଅଭିଯାନ (ପିଏମ୍ ଜନମନ) ବିଶେଷକରି ଦୁର୍ବଳ ଆଦିବାସୀ ଗୋଷ୍ଠୀଙ୍କ ପାଇଁ ନ୍ୟାୟ, ମର୍ଯ୍ୟାଦା ଏବଂ ଉନ୍ନତିର ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି । ୧୧ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ୭୫ଟି ସଂପ୍ରଦାୟ ଏହାଦ୍ୱାରା ସୁଫଳ ପାଉଛନ୍ତି । ୪୭ଲକ୍ଷରୁ ଅଧିକ ଆଦିବାସୀ ଲୋକଙ୍କୁ ସୁଫଳ ପ୍ରଦାନ କରୁଥିବା ଏହି ଯୋଜନା ପାଇଁ ୨୪ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଧରତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ୧୭ଟି ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ୨୫ଟି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତି ସହ ପ୍ରାୟ ୫ କୋଟି ଆଦିବାସୀଙ୍କୁ ଉନ୍ନତ ଜୀବିକା ନିର୍ବାହ ଲକ୍ଷ୍ୟ ନେଇ ୬୩ ହଜାରରୁ ଅଧିକ ଗ୍ରାମରେ ଭିତ୍ତିଭୂମି ବିକାଶ କରାଯାଇଛି ।

**Seba Parba Closing**

........................................................................................

# ପଞ୍ଜାବ-ସ୍ପେଶାଲ ଆସେମ୍ବ୍ଲି

ପଞ୍ଜାବ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରାଜ୍ୟରେ ବନ୍ୟା ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରିବା ତଥା କ୍ଷତିପୂରଣ ପ୍ରଦାନ ସଂକ୍ରାନ୍ତ ଆଇନଗୁଡ଼ିକରେ ଆବଶ୍ୟକୀୟ ସଂଶୋଧନ ଲକ୍ଷ୍ୟ ନେଇ ଏହି ଅଧିବେଶନ ଡକାଯାଇଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି । ବନ୍ୟା ପ୍ରଭାବିତଙ୍କ ପାଇଁ କ୍ଷତିପୂରଣ ପ୍ରଦାନ ସଂକ୍ରାନ୍ତ ଏକ ନୂତନ ଆଇନ ଅଧିବେଶନ କାଳରେ ଆଗତ କରାଯିବ ବୋଲି ଜଣାପଡ଼ିଛି । ରାଜ୍ୟରେ ବନ୍ୟା ଯୋଗୁଁ ୫୬ ଜଣଙ୍କର ମୃତ୍ୟୁ ହେବା ସହ ୨୦ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ୨ହଜାର ୩୦୦ ଗ୍ରାମ ଜଳମଗ୍ନ ହେବା ସହ ୭ ଲକ୍ଷ ଲୋକ ବାସଚ୍ୟୁତ ହୋଇଛନ୍ତି । ୫ ଲକ୍ଷ ଏକର ଜମିରେ ଫସଲ ନଷ୍ଟ ହେବା ସହ ବହୁ ଗୃହପାଳିତ ପଶୁଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

---

# କ୍ରିକେଟ୍ ଏସିଆକପ୍

ଏସିଆକପ୍ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ଭାରତ-ଓମାନ୍ ମଧ୍ୟରେ ମୁକାବିଲା ହେବ । ଶେଖ୍ ଜାୟଦ ଷ୍ଟାଡିୟମଠାରେ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ । ଗତକାଲି ଆବୁଧାବିରେ ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀଲଙ୍କା ୬ ଓ୍ୱିକେଟ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରି ସୁପର୍ ଫୋର୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି ।

ଏହି ବିଜୟ ସହିତ ଗ୍ରୁପ୍-ବିରେ ଶ୍ରୀଲଙ୍କା ଶୀର୍ଷରେ ରହିଥିବା ବେଳେ ତିନୋଟି ମ୍ୟାଚ୍‌ରୁ ଦୁଇଟିରେ ବିଜୟ ହାସଲ କରି ବାଂଲଶଦେଶ ସୁପର୍ ଫୋର୍ ପର୍ଯ୍ୟାୟରେ ପହଞ୍ଚିଛି ।

---

# ପାଣିପାଗ

ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ପଶ୍ଚିମବଙ୍ଗର ହିମାଳୟ ଅଞ୍ଚଳ ଏବଂ ସିକ୍କିମ୍‌ର ବିଭିନ୍ନ ସ୍ଥାନରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ବିହାର, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, କୋଙ୍କଣ, ଗୋଆ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲ୍ ସମେତ ଉତ୍ତର-ପୂର୍ବ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଜାମ୍ମୁ କାଶ୍ମୀର, ଲଦାଖ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ରୟାଲ୍ ସୀମା, ତାମିଲନାଡୁ, ପୁଡୁଚେରୀ, ପଶ୍ଚିମବଙ୍ଗ ଏବଂ ସିକ୍କିମରେ ବଜ୍ରପାତ ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।